# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, November 15/2024 | Page 18 | ₹ 7.00 | BERHAMPUR

୫୦ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 350 | ମୂଲ୍ୟ₹୭/-



# ଭୂମିକା ଚକ୍ଷୁ ପ୍ରତିଷ୍ଠାନ

## ରାଜ୍ୟ ବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା





ଡ଼ଃ ଭୀଷ୍ମ ପ୍ରସାଦ ରଥ
ଅଧକ୍ଷ, ଭୂମିକା ଚକ୍ଷୁ ପ୍ରତିଷ୍ଠାନ



ଡ଼ଃ ଭୂମିକା ରଥ
ନିର୍ଦ୍ଦେଶକ, ଭୂମିକା ଚକ୍ଷୁ ପ୍ରତିଷ୍ଠାନ

**ଭୁବନେଶ୍ୱରଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଭୂମିକା ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନକୁ ଉଦ୍‌ଘାଟନ କରୁଛନ୍ତି ।**




କଟକ ପୁରୀ ବାଇପାସ୍ ଜାତୀୟ ରାଜପଥ ୩୧୬ ଭୁବନେଶ୍ୱରର କୋରଡ଼ କଣ୍ଟାଠାରେ ବୁଧବାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭୂମିକା ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନ ଉଦ୍‌ଘାଟିତ ହେବା ସହ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି । ରାଜ୍ୟର କୋଟି କୋଟି ଜନ ସାଧାରଣ ଏହି ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନ ଦ୍ୱାରା ଚିକିତ୍ସା ସୁବିଧା ପାଇପାରିବେ ।



BHOOMIKA EYE INSTITUTE

# ଭୂମିକା ଚକ୍ଷୁ ପ୍ରତିଷ୍ଠାନ

# BHOOMIKA EYE INSTITUTE

"SINCE 2009 | COMMITTED TO EYE CARE"

N.H.-316, Puri by-pass, Koradakanta, Bhubaneswar, Odisha, Mob: 9777050048

"ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ୧୫ବର୍ଷ ଧରି ଓଡ଼ିଶା ବାସୀଙ୍କ ସେବାରେ"

## କାଠ ବୋଝେଇ ଗାଡ଼ି ଜବତ, ଜଣେ ଗିରଫ

ମୋହନା,(ମନ୍ମଥ ମିଶ୍ର)-ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍ ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ରାତିରେ ମୋହନା ବନାଞ୍ଚଳ ଅଧିକାରୀ ପାଟ୍ରୋଲିଂ କରିବା ସମୟରେ ପାଣିଗଣ୍ଡା ସେକ୍ସନ ବି ନୂଆଁ ଖଜୁରୀପଦା ମୁଖ୍ୟ ରାସ୍ତାରେ ଶାଗୁଆନ ଗଣ୍ଡି ବୋଝେଇ ପିକଅପ (ନଂଓଡି୦୨ସିଜେ୬୦୭୨)କୁ ଜବତ କରିଥିଲେ। ସେଠାରୁ ଦୁଇ ମଜୁରିଆ ଖସି ପଳାଇଥିଲେ ମୁଖ୍ୟ ଅଭିଯୁକ୍ତ ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଲୋକାମାରି ଗାଁର ବୃନ୍ଦାବନ ମହାରଣାଙ୍କୁ ବନ ବିଭାଗ କାବୁ କରିଥିଲା। ତାଙ୍କୁ ଗିରଫ କରାଯାଇଥିବା ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଶୋୟୀ କହିଛନ୍ତି।



### ସଂକ୍ଷେପରେ

## ୭ ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ଖଜୁରୀପଡ଼ା, ୧୪।୧୧ ( ବିଦୁର ବେହେରା)

ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ଅଧୀନ ବଲସକୁମ୍ପା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକର ପ୍ରାଥମିକ ଓ ମାଧ୍ୟମିକ ସ୍ତରର ୧୦୦ଟି ପ୍ରକଳ୍ପ ସାମିଲ ହୋଇଥିଲା। ଏଥିରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ବିଚାରକ ଭାବେ ସନ୍ତୋଷ ରଥ ଓ ଅଭୟ ପ୍ରଧାନ ଥିଲେ। ମୁଖ୍ୟଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷା ଅନିମା କହଁର, ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷ୍ୟାଧିକାରୀ ନାର୍ସୁ କହଁର, ଆରତି କୁମାରୀ ଦେବୀ, ସଭାପତି ପ୍ରଫୁଲ୍ଲ ବେହେରା, ମୋ ସ୍କୁଲ ଅଭିଯାନର ସଭାପତି ଭଗବାନ ଗୁରୁ, ସମାଜିକ କର୍ମୀ ବିଦୁର ବେହେରା ଉପସ୍ଥିତ ଥିଲେ।

## କୋଠିଶାଳ ଯାତ୍ରାରେ ନାଟକ ମଞ୍ଚସ୍ଥ

ରମ୍ଭା,୧୩।୧୧(ବନବାସୀ ସେଠୀ)

ମିଞ୍ଝିଣିପାଟଣା1 କୋଠିଶାଳ ଯାତ୍ରାରେ ସର୍ବମଙ୍ଗଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ନାଟକ 'କହିବାକୁ ଲାଜ ଶୁଣିଲେ ପାପ' ମଞ୍ଚସ୍ଥ ହୋଇଯାଇଛି। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ନିଖୁଣ ଚରିତ୍ର ଫୁଟାଇ ଲୋକପ୍ରିୟ ହୋଇ ପାରିଥିବା କଳାକାର ଆର .ନାରାୟଣ ରେଡିଙ୍କୁ ସର୍ବୋତ୍ତମ ବାପା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯକ୍ରମରେ ଗଞ୍ଜାମ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ବିଧାୟକ ପ୍ରତିନିଧି ସିମାଞ୍ଚଳ ବାଡ଼ତ୍ୟା, ରାମଗଡ଼ ସରପଞ୍ଚ ବିକ୍ରମ ବେହେରା, ମ୍ୟାନେଜର ଏ ଦୁଃଶାସନ ପାତ୍ର, ଡି.ରାମଚନ୍ଦ୍ର ରେଡି, ମାନସ ରଞ୍ଜନ ନାୟକ, ଜେ ଭାସ୍କର ପାତ୍ର କାଉନସିଲର କ୍ଷେତ୍ରବାସୀ ବେହେରା, ନିରାକାର ବେହେରା, ରଙ୍କନିଧି ନାହକ, ଭୀମସେନ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଚାଳନରେ ଜେ ଲୋକନାଥ, ଆର ଶିବରାମ, ବି ଦଣ୍ଡପାଣି, ସି ରାମେୟା, ଟି ଗଣେଶ ତଥା ଗ୍ରାମବାସୀ ସାଂସ୍କୃତିକ କମିଟି ସହଯୋଗ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଦିଗପହଣ୍ଡି,୧୪।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତର ପୂର୍ବତନ ସରପଞ୍ଚ କେ.ଅଭିମନ୍ୟୁ ରେଡ୍ଡୀଙ୍କ କାଣ୍ଡେଶ୍ୱର ଗ୍ରାମସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତର ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି। ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର, ଦିଗପହଣ୍ଡି ଏନ୍ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଅଭିମନ୍ୟୁ ୪ ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ୨୨ ବର୍ଷ ଧରି ପ୍ରାଥମିକ ସେବା ସମବାୟ ସମିତିର ସଭାପତି ରହିଥିଲେ। ୪ ତାଲୁକା ରେଡ୍ଡୀ ସଂଘର ବହୁବାର ସଭାପତି ଦାୟିତ୍ୱ ତୁଲାଇଥିଲେ।

# ୫ ଦଫା ଦାବିରେ କୁଇ ସମାଜର ଧାରଣା

### ଆବାସିକ ବିଦ୍ୟାଳୟରେ ଛାତ୍ର ମୃତ୍ୟୁ ଘଟଣା




ରାସ୍ତା ଅବରୋଧ କରାଯାଇଛି।

ଖଜୁରୀପଡ଼ା,୧୪।୧୧( ବିଦୁର ବେହେରା):

ଖଜୁରୀପଡ଼ା ଥାନା ଅନ୍ତର୍ଗତ ଆର୍. ନୂଆଗାଁସ୍ଥିତ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବାଲିଗୁଗ୍ରି ଗ୍ରାମର ଆନନ୍ଦେଶ୍ୱର ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ସେ ମଙ୍ଗଳବାର ରାତିରେ ହଷ୍ଟେଲ ପାଇଖାନାରେ ଆତ୍ମହତ୍ୟା କରିଥିବା ନେଇ ବୁଧବାର ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଅଭିଯୋଗ ଦିଆଯାଇଛି। କିନ୍ତୁ ମୃତ ଛାତ୍ରଙ୍କ ବଡ଼ଭାଇ ଅରୂପା ନନ୍ଦ ମଲ୍ଲିକ ଆନନ୍ଦେଶ୍ୱରଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି ବୋଲି ପ୍ରକାଶ କରିଛନ୍ତି। ସେପଟେ ପୋଲିସ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ନଂ.୨୭/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ହଷ୍ଟେଲକୁ ଯାଇ ତଦନ୍ତ କରୁଛନ୍ତି।

ଗୁରୁବାର କୁଇ ସମାଜ ଯୁବ ପରିଷଦ ଏବଂ କୁଇ ସମାଜ ସେବା ସମିତି, କନ୍ଧମାଳ ପକ୍ଷରୁ ମୃତ ଛାତ୍ରଙ୍କ ପରିବାରଙ୍କୁ କ୍ଷତିପୂରଣ ସହିତ ନ୍ୟାୟ ଆଦି ୫ ଦଫା ଦାବି ନେଇ ଖଜୁରୀପଡ଼ା ଶଙ୍କରାଖୋଲ ମୁଖ୍ୟ ରାସ୍ତାର ଆର୍ ନୂଆଗାଁ ରାଜସ୍ୱ ନୀରିକ୍ଷକ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିଥିଲେ। କୁଇ ସମାଜ ସେବା ସମିତି ଫୁଲବାଣୀ ସଭାପତି ସୁଦର୍ଶନ କହଁର, ଉପସଭାପତିରମାକାନ୍ତ ମଲ୍ଲିକ, କୁଇ ସମାଜ ଯୁବ ପରିଷଦ କନ୍ଧମାଳ ଉପସଭାପତି ଆଲୋକ କହଁର, କୋଷାଧ୍ୟକ୍ଷ ଭାବିନ୍ଦ୍ର କହଁର, ସମ୍ପାଦକ ଅଚ୍ୟୁତ ଯାନୀ, କ୍ରୀଡ଼ା ସଭାପତି ସୁଜିତ କୁମାର ମଲ୍ଲିକ,ସହସମ୍ପାଦକ ଗୌତମ ମଳିକ, ଆଇନ ପରାମର୍ଶ ଦାତା ରଞ୍ଜନ କୁମାର କହଁର, କୁଇ ସମାଜ ବେଗ୍ରିଙ୍କିଆ ସଭାପତି ଗୌତମ ପ୍ରଧାନ, ସମ୍ପାଦକ ଶ୍ୟାମଳ କହଁର, ଶରତ କୁମାର କହଁର, ଲାଇନପଡ଼ା ଶାଖା ସହ ସମ୍ପାଦକ ଅଗସ୍ତି କୁମାର ମଲ୍ଲିକ, ବରଗୋଛା ଯୁବ ପରିଷଦ ସମ୍ପାଦକ ଚନ୍ଦ୍ର କିଶୋର ପ୍ରଧାନ, ଖଜୁରୀପଡ଼ା ବ୍ଲକ ଯୁବ ପରିଷଦ ସଭାପତି ଉମେଶ କୁମାର ଖାଙ୍କର, ଯୁବନେତା ଅନୁପମ କହଁର,ମୃତକଙ୍କ ବଡଭାଇ ଅରୂପାନନ୍ଦ ମଳିକ ସମେତ ଆସ୍ତିକ ମଲ୍ଲିକ ,ଅଜୟ ମଳିକ,ଗୋଲକ ମଳିକ,ବିରଞ୍ଚି ମଲ୍ଲିକ, ସସ୍ମିତା ମଲ୍ଲିକ, ସୁଶୀଳା ଯାନୀ ପ୍ରମୁଖ ରାସ୍ତା ଅବରୋଧ କରିଥିଲେ। ରାଜସ୍ୱ ନୀରିକ୍ଷକ ଅଧିକାରୀ ପ୍ରଜ୍ଞା ପରମିତା ପ୍ରଧାନ ଏବଂ ଥାନା ଅଧିକାରୀ ପ୍ରଧାନ ପହଞ୍ଚି ସେମାନଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲେ। ଲୋକେ ନ ବୁଝିବାରୁ ଏସଡିପିଓ ସୁପ୍ରସ୍ନ ମଲ୍ଲିକ ଏବଂ ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର ପହଞ୍ଚି ବୁଝାଇଥିଲେ । ସରକାରଙ୍କ ତରଫରୁ ମୃତ ଛାତ୍ରଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଦିଆଯିବ । ସନ୍ଧ୍ୟା ସୁଦ୍ଧା ବ୍ୟାଙ୍କ ଖାତାରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଘଟଣଶର ତଦନ୍ତ କରି ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ପ୍ରାୟ ୪ଟାରେ ଧାରଣା ହଟିଥିଲା। ଧାରଣା ଯୋଗୁଁ ଦୀର୍ଘ ୪ ଘଣ୍ଟା ଧରିଁ ଯାତାୟାତ ବାଧପ୍ରାପ୍ତ ହୋଇଥିଲା ।

## ନିର୍ବନ୍ଧ ଭୋଜିରେ ଛୁରାମାଡ଼, ଜଣେ ଆହତ

ଧରାକୋଟ,୧୪।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ ଜଗମୋହନ ପଞ୍ଚାୟତ ନାରାୟଣପୁର ଶାସନ ଗ୍ରାମରେ ଏକ ନିର୍ବନ୍ଧ ଭୋଜିରେ ଛୁରାମାଡ଼ ହେବାରୁ ଜଣେ ଆହତ ହୋଇଛନ୍ତି । ସେ ହେଲେ ନାରାୟଣପୁର ଗ୍ରାମର ସନ୍ୟାସୀ ବେହେରା। ଗତ ବୁଧବାର ଗ୍ରାମର ସୁଶାନ୍ତ ବେହେରାଙ୍କ ନିର୍ବନ୍ଧ ଭୋଜି ଚାଲିଥିଲା। ଏଥିରେ ସାମିଲ ହେବାକୁ ଆସିଥିବା ଗ୍ରାମର ଭଗବାନ ବେହେରା ନିଶାସକ୍ତ ହୋଇ ନିଜ ସମ୍ପର୍କୀୟ ପୁତୁରା ସୁଶାନ୍ତଙ୍କୁ କୌଣସି କାରଣକୁ ନେଇ ଗାଳିଗୁଲଜ କରିଥିଲେ। ଗାଁ ସଭାପତି ସନ୍ୟାସୀ ଘଟଣାସ୍ଥଳକୁ ବୁଝାଶୁଝା କରିବା ବେଳେ ଭଗବାନ ହଠାତ୍ ତାଙ୍କୁ ଛୁରାମାଡ଼ କରିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟମାନେ ଭଗବାନଙ୍କୁ କାବୁ କରି ଧରାକୋଟ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସନ୍ୟାସୀଙ୍କୁ ମେଡ଼ିକାଲ ନେଇଥିଲା। ତାଙ୍କ ଏତଲାକୁ ଭିତ୍ତି କରି ନଂ. ୩୭୬/୨୪ ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସସ୍ମିତା ମଗର କହିଛନ୍ତି।

## ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଦେଖିଲେ ଏମ୍‌ପି

ତୁମୁଡିବନ୍ଧ,୧୪।୧୧(ଦୀପକ କୁମାର ପରାସେଠ)

ତୁମୁଡିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ହୋଇଥିଲା। ବିଇଓ ପବିତ୍ର ଗଡ଼ତ୍ୟା ସଭାପତିତ୍ୱରେ ହୋଇଥିବା ଉଦଘାଟନୀ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତି ମାଝି, ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ସମ୍ମାନୀତ ଅତିଥି ଭାବେ ତୁମୁଡିବନ୍ଧ ସରପଞ୍ଚ ପ୍ରିୟଙ୍କା ପତ୍ରା, ବିଆରସିସି ଜନାର୍ଦ୍ଦନ ପାଣିଗ୍ରାହୀ, ଏବିଇଓ ଭରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୬୭ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ କୋଟଗଡ଼ ଗସ୍ତରେ ଯିବାବେଳେ ଉକ୍ତ ମେଳାକୁ ଯାଇ ପିଲାଙ୍କ ପ୍ରକଳ୍ପଗୁଡ଼ିକୁ ଦେଖି ପ୍ରଶଂସା କରିବା ସହିତ ସେମାନଙ୍କ ମନୋବଳ ଦୃଢ଼ କରବା ପାଇଁ ଉପଦେଶ ଦେଇଥିଲେ। ଉଦଯାପାନୀ ସଭାରେ ମୁଖ୍ୟ ଅତିଥି ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରି ହରପାଲ, ମୁଖ୍ୟବକ୍ତା ଭାବେ ତହସିଲଦାର ଶୁଭାଶିଷ ପାଲଟା, ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଦିବ୍ୟଜ୍ୟୋତି କର, ତୁମୁଡିବନ୍ଧ ବ୍ଲକ ଏମ୍‌ପି ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ି ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ। ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଚୟନ କରାଯାଇଛି।

# ଏମ୍‌ପି, ବିଧାୟକଙ୍କ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

## ଡହ ଜଳଭଣ୍ଡାର,ରାସ୍ତାର ଉନ୍ନତୀକରଣ ପାଇଁ ୧୦୦ କୋଟି ଖର୍ଚ୍ଚ ହେବ

ଭଞ୍ଜନଗର,୧୪।୧୧(ବାବୁଲା ପ୍ରଧାନ)



ବିଧାୟକ ଡହ ଜଳଭଣ୍ଡାର ପରିଦର୍ଶନ କରୁଛନ୍ତି।

ଭଞ୍ଜନଗର ବ୍ଲକ ଡୁମାକୁମ୍ପା ଏବଂ ବଡକୋଦଣ୍ଡା ପଞ୍ଚାୟତରେ ଗୁରୁବାର କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହି ୨ ପଞ୍ଚାୟତରେ ଥିବା ୪ଟି ବନ ସୁରକ୍ଷା ସମିତି କୋଠା ଏବଂ ବଡରାଉଳ ଭକ୍ତ ନିବାସ ଉଦଘାଟନ କରାଯାଇଛି। ଡହଠାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ନାୟକ ଯୋଗଦେଇ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ। ଡହ ଜଳଭଣ୍ଡାରର ଜଳଧାରଣ କ୍ଷମତା କମିଯାଉଛି। ତେଣୁ ଜଳଭଣ୍ଡାରର ମାଟି ଖୋଳି ବାହାର କରିବା ପାଇଁ ଡିପିଆର୍ ପ୍ରସ୍ତୁତ ଚାଲିଛି। ବର୍ତ୍ତମାନ ୮୭ କୋଟି ଟଙ୍କା ଖର୍ଚ୍ଚ ହେବା ଆକଳନ କରାଯାଇଛି। ସେହିପରି ଗଞ୍ଜାମ-କନ୍ଧମାଳ ଜିଲାକୁ ସଂଯୋଗ କରିବା ପାଇଁ ୮ କୋଟି ଟଙ୍କା ବ୍ୟୟରେ ଏକ ରାସ୍ତା ନିର୍ମାଣ ହେବ। ଜଳଭଣ୍ଡାରକୁ ଲାଗିଥିବା ଅଞ୍ଚଳର ବିକାଶ ପାଇଁ ସାଢ଼େ ୪ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଖୁବଶୀଘ୍ର ଉକ୍ତ ପ୍ରକଳ୍ପଗୁଡ଼ିକ ସରକାରଙ୍କ ଅନୁମୋଦନ ପାଇ କାମ ଆରମ୍ଭ ହେବ ବୋଲି ସେ କହିଥିଲେ। ପୂର୍ବ ସରକାରରେ ଯେଉଁଭଳି ବିକାଶ ହେବା କଥା ହୋଇନାହିଁ। ତତ୍କାଳୀନ ବିଜେଡି ସରକାର ଧନୀ ଲୋକଙ୍କୁ ଘର ଦେଇଥିଲେ। ତେଣୁ ଅନେକେ ପକ୍କା ଘର ପାଇନାହାନ୍ତି। ୨୦୨୯ ସୁଦ୍ଧା ସମସ୍ତ ଚାଳଘର ପକ୍କା ଘରରେ ପରିଣତ ହେବ ବୋଲି ବିଧାୟକ କହିଥିଲେ। ସଭାକୁ ବ୍ଲକ ଏମ୍‌ପି ପ୍ରତିନିଧି ରବୀନ୍ଦ୍ର ଗୌଡ ସଂଯୋଜନା କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମଗୁଡ଼ିକରେ ଏମ୍‌ପି ପାଣିଗ୍ରାହୀଙ୍କ ସମେତ ନଗର ଏମପି ପ୍ରତିନିଧି ସନ୍ତୋଷ ତିଆଡି, ଗଞ୍ଜାମ ଜିଲା ପରିଷଦର କନ୍ଧମାଳ ଏମପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ଭାଜପା ନେତା ନୀଳମାଧବ ପାତ୍ର, ମାନସ ଜେନା, ସରପଞ୍ଚ ସପ୍ନା ନାୟକ, ସମିତିସଭ୍ୟ ଝୁମୁରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ବିଧାୟକ ଜଳଭଣ୍ଡାର ଏବଂ ବାପାଙ୍ଗି ମନ୍ଦିରକୁ ଯାଇ ତାହାର ବିକାଶ କିଭଳି ହେବ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ୧୯୭୨ରେ ଡହ ଜଳଭଣ୍ଡାର ଶିଳାନ୍ୟାସ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି କରିଥିଲେ। ବିଧାୟକ ନାୟକଙ୍କ ଗସ୍ତ ସମୟରେ ଡହ ଜଳଭଣ୍ଡାର ସହକାରୀ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ, ସ୍ୱାମୀ ଅଟକ

ଧରାକୋଟ,୧୪।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ଥାନା ଅନ୍ତର୍ଗତ ଢ଼ଉଗାଁର ପନ୍ଦରା ସାହିରେ ପାରିବାରିକ କଳହକୁ ନେଇ ବୁଧବାର ରାତିରେ ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଆହତ ହୋଇଛନ୍ତି। ଆହତ ଲିଟିଲି ପାଣିଗ୍ରାହୀ ଆସିକା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଚରିତ୍ରକୁ ସନ୍ଦେହ କରି ଅଭିଯୁକ୍ତ ସ୍ୱାମୀ ଛୁରୀରେ ଲିଟିଲିଙ୍କ ପେଟ ଓ ହାତକୁ ଆଘାତ କରିଥିଲେ। ଲିଟିଲିଙ୍କ ଚିତ୍କାର ଶୁଣି ପଡୋଶୀ ପହଁଚି ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଲିଟିଲିଙ୍କୁ ମେଡିକାଲକୁ ନେଇଥିଲା।

## ବିନା ଅନୁମତିରେ ବିଦେଶ ପଠାଇବା ଘଟଣା, ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୧୪।୧୧(ନବୀନ ରାଜ ଆଚାରୀ):

ଗୋଳନ୍ଥରା ଥାନା ପିତାତଳି ଗ୍ରାମରେ ଏକ ବୈଷୟିକ ତାଲିମ ଅନୁଷ୍ଠାନ କରି ବେରୋଜଗାରୀ ଯୁବକମାନଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ବିନା ଅନୁମତିରେ ଯୁବକମାନଙ୍କୁ ବିଦେଶ ପଠାଇବା ଘଟଣାରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ପିତାତଳି ଗାଁର ଏସ. ସନମୁଖ ରାଓ। ପିତାତଳି ଗ୍ରାମରେ ସନମୁଖ ତାଲିମ କେନ୍ଦ୍ର କରି ଯୁବକମାନଙ୍କୁ ୱେଲଡିଂ ତାଲିମ ଦେଇ ବିଭିନ୍ନ ବିଦେଶ ପଠାଉଥିଲେ। ୧୪ ଜଣ ଯୁବକଙ୍କୁ ତାଲିମ ଶେଷ କରି ବିନା ବୈଦେଶିକ ମନ୍ତ୍ରାଳୟ ଅନୁମତିରେ ତୁର୍କୀ ପଠାଇ ସେଠାରେ ନିଯୁକ୍ତି ଦେବା ପାଇଁ ଯୋଜନା କରିଥିଲେ। ପ୍ରତି ଯୁବକଙ୍କ ଠାରୁ ତୁର୍କୀ ପଠେଇବା ପାଇଁ ୩୫ ହଜାର ଟଙ୍କା ଲେଖାଏଁ ଆଦାୟ କରିଥିଲେ। ଏହା ଭୁବନେଶ୍ୱର ଏମିଗ୍ରେଟସ ପ୍ରୋଟେକ୍ଟର ଅଧିକାରୀ ସୁନୀଲ କୁମାର ସାହା ଜାଣିବା ପରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୪୮୧/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ସନମୁଖଙ୍କୁ ଗ୍ରାମରୁ ଉଠେଇ ନେଇ ଥାନାରେ ଅଟକ ରଖି ପଚାରଉଚରା କରିଥିଲା। ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

## ଶିଶୁ ବିଦ୍ୟା ମନ୍ଦିରର ଖେଳକୁଦ ସମାରୋହ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ପାରଳାଖେମୁଣ୍ଡି,୧୪।୧୧(ଗିରିଧାରୀ ପରିଛା):

ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଗୁରୁବାର ଶିଶୁ ଦିବସ ତଥା ୩୫ତମ ବାର୍ଷିକ ଖେଳକୁଦ ସମାରୋହ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦେବୀ ମଠର ମହନ୍ତ ରାମାନନ୍ଦ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ୟୁ ଜି ହାଇସ୍କୁଲ ଯାଜପୁରର କ୍ରୀଡା ଶିକ୍ଷକ ଧିରେନ୍ଦ୍ର କୁମାର ସାମଲ ଓ ଭେଙ୍କଟେଶ୍ୱର ହାଇସ୍କୁଲ କ୍ରୀଡା ଶିକ୍ଷକ ଅଭିନ୍ନ ବାସୁଦେବ ମିଶ୍ର, ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସ୍ଥାନୀୟ କଲେଜ ପଡିଆ ଠାରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଦ୍ୟାଳୟର ଶାରୀରିକ ପ୍ରମୁଖ ମୁରଲୀ ମୋହନ ପ୍ରଧାନ,ସହ ଶାରୀରିକ ପ୍ରମୁଖ ରାଜେଶ କରାଇଙ୍କ ସଂଯୋଜନାରେ ତଥା ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ବାର୍ଷିକ ଖେଳକୁଦ ସମାରୋହର ଓ ଶିଶୁ ଦିବସ ସଫଳତାର ସହ ହୋଇଛି।

# ଶିଶୁଙ୍କ ଶାରୀରିକ, ବୌଦ୍ଧିକ ବିକାଶ ପାଇଁ ଖୋଲିଲା ଶିଶୁଗୃହ

ଦାରିଙ୍ଗବାଡି,୧୪।୧୧(ଅରୁଣ ସାହୁ):



ଶିଶୁଙ୍କୁ ୩ ବର୍ଷ ହେଲେ ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଯାଇ ସେମାନଙ୍କ ଶାରୀରିକ, ବୌଦ୍ଧିକ ବିକାଶ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ତେବେ ଜନ୍ମର ୭ ମାସଠାରୁ ୩ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ଅଙ୍ଗନୱାଡି ଯିବା ପର୍ଯ୍ୟନ୍ତ ଶିଶୁଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେବେ ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ପ୍ରଥମ ଥର ପାଇଁ ଅଜିମ ପ୍ରେମ ଫାଉଣ୍ଡେସନ ଓ ଜାଗୃତି ପକ୍ଷରୁ ମିଳିତ ଭାବେ ଏହି ବୟସର ଶିଶୁମାନଙ୍କ ବିକାଶ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଶିଶୁ ଦିବସରେ ବ୍ଲକର ସିକାବର୍ଗ ଓ ସୋନପୁର ପଞ୍ଚାୟତ ଅଞ୍ଚଳରେ ୫ଟି ଶିଶୁଗୃହ ଉଦଘାଟନ କରାଯାଇଛି।

ସୋନପୁର ପଞ୍ଚାୟତର ଯୁଆଁଗିଆ, ସୋନପୁର, ବ୍ରାହାବାନ୍ଦା ଓ ସିକାବର୍ଗ ପଞ୍ଚାୟତର ବାନ୍ଦାମେରା ଓ ବଡାଙ୍ଗିଆଠାରେ ଶିଶୁ ଗୃହ ଖୋଲାଯାଇଛି। ସେଠାରେ ଶିଶୁମାନଙ୍କୁ ଦିନରେ ନିୟମିତ ବିଭିନ୍ନ ସୁଷମ ଖାଦ୍ୟ ଦିଆଯିବା ସହ ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ କହିଛନ୍ତି। ସେ ଆହୁରି କହିଛନ୍ତି, ବ୍ଲକର ବିଭିନ୍ନ ଗାଁରେ ଶିଶୁ ଗୃହ ଖୋଲାଯିବ। ସେଥିରେ ପ୍ରାୟ ୮ ଶହ ଶିଶୁଙ୍କୁ ଏହି ସମସ୍ତ ସୁବିଧା ମିଳିବ। ଆଗାମୀ ଦିନରେ ଶିଶୁ ଗୃହର ସଂଖ୍ୟା ସହ ଶିଶୁଙ୍କ ସଂଖ୍ୟା ମଧ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦେଇଛନ୍ତି। ସୋନପୁରରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ କୁମୁଦିନୀ ପ୍ରଧାନ ଯୋଗଦେଇ ଶିଶୁଗୃହ ଉଦଘାଟନ କରିଥିଲେ । ପିତାମ୍ବର ରୁପାମାଝି ସଭାପତିତ୍ୱ କରିଥିବା ବେଳେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ସମ୍ମନ୍ୱିତ ଶିଶୁ ଓ ମହିଳା ବିକାଶ ଯୋଜନାର ସୁପରଭାଇଜର ସ୍ୱର୍ଣ୍ଣକାନ୍ତି ପ୍ରଧାନ, ଏଏନଏମ ବୁଲି ଦେଇ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କ ସାମଗ୍ରିକ ବିକାଶ ସମ୍ପର୍କରେ ଲୋକଙ୍କୁ ପରାମର୍ଶ ଦେଇଥିଲେ।

## ରାଉଳସାହିରେ ୨୪ ପ୍ରହର ନାମଯଜ୍ଞ

ଗଞ୍ଜାମ,୧୪।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ସ୍ଥିତ ରାଉଳ ସାହିରେ ଗୁରୁବାର ୨୪ ପ୍ରହର ନାମଯଜ୍ଞ ହୋଇଛି। ଏହି ଉପଲକ୍ଷେ କଳସ ଯାତ୍ରା ହୋଇଥିଲା। ନାମଯଜ୍ଞରେ ପୁଙ୍ଗତୋଳା, ଖାଡକୁଦା, ବୁରୁଡି ଆଦି ଅଞ୍ଚଳର କୀର୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ସାହିର ରବୀନ୍ଦ୍ର ଗୌଡ଼, ସଞ୍ଜୟ ମହାରଣା, ଶୁଭ ପଟ୍ଟନାୟକ, ସନ୍ତୋଷ ଗୌଡ଼, ଦେବରାଜ ମହାରଣା, ପଙ୍କଜ ମହାରଣାଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ନାମଯଜ୍ଞ ଦୀର୍ଘ ନଅ ବର୍ଷ ଧରି ସେଠାରେ ପାଳିତ ହୋଇଆସୁଥିବା ସାହି ବାସିନ୍ଦା ସୂଚନା ଦେଇଛନ୍ତି।

# ଦୋକାନରୁ ଲୁଟିନେଲେ ଦୁର୍ବୃତ୍ତ

ଆର,ଉଦୟଗିରି,୧୪।୧୧(ମନୋଜ କୁମାର ପାଢୀ) ଆର୍, ଉଦୟଗିରି ଥାନା ଅନ୍ତର୍ଗତ ତଲଡ଼ା ଗ୍ରାମରେ ଦୋକାନରୁ ଚୋରି ହୋଇଛି। ଗ୍ରାମର ରାହୁଲ କରଙ୍କ ଦୁଇଟି ଦୋକାନ ଅଛି। ଗୋଟିଏରେ ମେଡ଼ିକାଲ ଷ୍ଟୋର ଏବ ଅନ୍ୟଟିରେ ଲୁଗା ବ୍ୟବସାୟ ଚାଲିଥିଲା। ରାତିରେ ସେଠାରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୋକାନ ସହ ଘରେ ଥିବା ମୂଲ୍ୟବାନ ଜିନିଷ ପତ୍ର ସହିତ ଟଙ୍କା ପୋଇସା ଯାହା ଥିଲା ଘର ର ତାଲା ଭାଙ୍ଗି ବହୁ ମୁଲ୍ୟବାନ ଜିନିଷ ଲୁଟି ନେଇଥିଲେ। କର୍ମଚାରୀମାନେ ସକାଳୁ ଆସିବାରେ ଦୋକନ ପଛପଟ ଝରକା ଭଙ୍ଗାଯାଇ ଚୋରି ହୋଇଥିବା ଦେଖି ମାଲିକଙ୍କୁ ଫୋନ କରି ଜଣାଇଥିଲେ। ସେ ଲ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରୁଛି। ଦୋକାନ ମାଲିକଙ୍କ ବାପା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

# ହ୍ୱିଲ୍ ଚେୟାର କ୍ରିକେଟ୍ ଟୁର୍ନାମେଣ୍ଟ, ଗଞ୍ଜାମ ଚାମ୍ପିୟନ

ଛତ୍ରପୁର, ୧୪।୧୧(ଦିଲ୍ଲୀପ ସାମଲ):



ଜିଲାପାଳ ବିଜୟୀ ଟିମ୍‌କୁ ଭେଟୁଛନ୍ତି ।

କନ୍ଧମାଳ ଜିଲାର ଫୁଲବାଣୀସ୍ଥିତ ପୋଲିସ ପଡିଆଠାରେ ରାଜ୍ୟ ଦିବ୍ୟାଙ୍ଗ ହ୍ୱିଲ୍ ଚେୟାର ଆସୋସିଏଶନ ପକ୍ଷରୁ ଗତ ୯ ତାରିଖଠାରୁ ୩ଧରି ଚାଲିଥିବା ରାଜ୍ୟସ୍ତରୀୟ ହ୍ୱିଲ ଚେୟାର କ୍ରିକେଟ ଟୁର୍ନାମେଣ୍ଟରେ ଗଞ୍ଜାମ ଟିମ୍ ଚମ୍ପିୟାନ ହୋଇଛି। ଟୁର୍ନାମେଣ୍ଟରେ ରାଜ୍ୟ ର ୬ଟି ଟିମ ଯଥା ରାୟଗଡା, ଅନୁଗୋଳ, କନ୍ଧମାଳ, କଳାହାଣ୍ଡି, ଭଦ୍ରକ ଓ ଗଞ୍ଜାମ ଟିମ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ କନ୍ଧମାଳ ଟିମକୁ ହରାଇ ଗଞ୍ଜାମ ଚାମ୍ପିୟନ ହୋଇଥିଲା। ଗଞ୍ଜାମ ଟିମର ଅଧିନାୟକ ଭାବେ ପଦ୍ମନାଭ ବେହେରା ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ଗଞ୍ଜାମ ଟିମକୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ମାର୍ଚ୍ଚରେ ରାଜ୍ୟସ୍ତରୀୟ ହ୍ୱିଲ ଚେୟାର କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରିବା ନିମନ୍ତେ ଗଞ୍ଜାମ ହ୍ୱିଲ ଚେୟାର କ୍ରିକେଟ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଆଲୋଚନା ବେଳେ ଆସୋସିଏଶନର ସଭାପତି ପଦ୍ମନାଭ ନାହାକ, ଉପସଭାପତି ନିକୁ ପ୍ରଧାନ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ସେଠି, କୋଷାଧ୍ୟକ୍ଷ ଏନ. ତିରୁପତି ରେଡ୍ଡୀ ଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରୁ ଜିଲାର କେତେଜଣ ଦିବ୍ୟାଙ୍ଗ କ୍ରୀଡ଼ାବିତ ଗଞ୍ଜାମ ହ୍ୱିଲ ଚେୟାର କ୍ରିକେଟ ଆସୋସିଏସନ ଟିମ ଗଠନ କରି ଜିଲା ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଖେଳି କୃତକାର୍ଯ୍ୟ ହୋଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡା

ଜି.ଉଦୟଗିରି,୧୪।୧୧(ଶିଶିର ପଟ୍ଟନାୟକ)-ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟ ଖେଳ ପଡିଆ ଠାରେ ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୧ ତମ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ଉଦଘାଟନୀରେ ଅତିରିକ୍ତ ବନାଞ୍ଚଳ ଅଧିକାରୀ କଳ୍ପନା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ବିନୋଦ ବିହାରୀ ଦାଶ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମାପନ ଦିବସରେ ଶିଶୁ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷା ପ୍ରଧାପକ ଲଡୁକେଶ୍ୱର ରଥ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ରାଜେନ୍ଦ୍ର ମହାପାତ୍ର ଏବଂ ସମ୍ପାଦକ ଶିବରାମ ସାହୁ, କୋଷାଧକ୍ଷ ଗୋଲକ ବିହାରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ମାଧବାନନ୍ଦ ଦାସ ସ୍ୱାଗତ ଭାଷଣ ରଖିଥିଲେ। ଆଚାର୍ଯ୍ୟାର ରଶ୍ମିତା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କ୍ରୀଡା ପ୍ରମୁଖ ଅନିତା ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ସହଯୋଗ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ନଭେମ୍ବର ଶେଷ ସୁଦ୍ଧା ଧାନମଣ୍ଡି ପ୍ରସ୍ତୁତ କର

ଫୁଲବାଣୀ, ୧୪।୧୧(ରାକେଶ କୁମାର ରାଉତ): ୨୦୨୪-୨୫ ଖରିଫ୍ ବର୍ଷ ପାଇଁ କନ୍ଧମାଳ ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅମ୍ରିତ୍ ଋତୁରାଜ୍ ଏଥିରେ ଅଧ୍ୟକ୍ଷତା କରି ବିପ୍ପଣୀ ନିରୀକ୍ଷକମାନେ ମଣ୍ଡିରେ ଧାନ ବିକ୍ରୟ କରିବାକୁ ଚାଷୀଙ୍କୁ ସଚେତନ କରିବା ଲାଗି ପରାମର୍ଶ ଦେଇଥିଲେ। ଚଳିତ ବର୍ଷଠାରୁ କଟ୍‌ନି ଛଟ୍‌ନି ହେବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ଶେଷ ସୁଦ୍ଧା ମଣ୍ଡିଗୁଡ଼ିକୁ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନେଟ୍‌ୱାର୍କ ଥିବା ସ୍ଥାନରେ ଦ୍ୱିତୀୟ ଧାନ କ୍ରୟ କେନ୍ଦ୍ର ଖୋଲିବା ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। ରବି ଫସଲ ପାଇଁ ମଣ୍ଡି ଖୋଲିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ ଅନୁରୋଧ କରା ଯାଇଥିଲା। ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର ଚଳିତ ବର୍ଷର ଧାନ କ୍ରୟ ପାଇଁ ସରକାରଙ୍କ ଯୋଜନା ସବୁ କ'ଣ ରହିଛି ଏବଂ କନ୍ଧମାଳ ଜିଲା ପ୍ରଶାସନ କେଉଁ ବ୍ୟବସ୍ଥା କରିଛି, ସେ ବିଷୟରେ ବୈଠକରେ ପାୱାର ପଏଣ୍ଟ ମାଧ୍ୟମରେ ସୂଚନା ଦେଇଥିଲେ। ଧାନ କ୍ରୟରେ ଅସୁବିଧା ନ ହେବା ପାଇଁ ନୋଡାଲ ଅଫିସର ନିଯୁକ୍ତି ହେବା ସହିତ ଜିଲା ବେସାମରିକ ଯୋଗାଣ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ସମସ୍ତଙ୍କ ନିଷ୍ପତିକ୍ରମେ ଆସନ୍ତା ଡିସେମ୍ବର ୧୦ରୁ ଜିଲାରୁ ଧାନ କ୍ରୟ କରିବା ଆରମ୍ଭ ହେବ। ଜିଲାରେ ଫୁଲବାଣୀ ଓ ଟିକାବାଲିରେ ଆର୍‌ଏମ୍‌ସି କାର୍ଯ୍ୟ କରୁଛି। ଚଳିତ ଖରିଫ୍ ବର୍ଷ ପାଇଁ ୨୨ଟି ଲାମ୍ପ୍‌ସ ଓ ଗୋଟିଏ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଅଂଶଗ୍ରହଣ କରିଛନ୍ତି। ଗତବର୍ଷ ୩,୮୭୫ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତ ବର୍ଷ ୩,୫୧୦ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଅଧିକ ମଣ୍ଡି ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଆବେଦନ କଲେ ତାହା କୃଷି ବିଭାଗକୁ ଜଣାଇ ଦିଆଯିବ। ବିକ୍ରୟ ପାଇଁ ଅସିଥିବା ଧାନକୁ ୪୮ ଘଣ୍ଟା ପର୍ଯନ୍ତ ସୁରକ୍ଷିତ ଅବସ୍ଥାରେ ରଖିବା ପାଇଁ ବ୍ୟବସ୍ଥା କରାଯିବ। ଚଳିତ ଖରିଫ୍ ବର୍ଷ ପାଇଁ ଫେୟାର ଆଭରେଜ୍ କ୍ୱାଲିଟି ପାଇଁ ସର୍ବନିମ୍ନ ସହାୟକ ମୁଲ୍ୟ କୁଇଂଟାଲ ପିଛା ୨ହଜାର ୩୦୦ଟଙ୍କା ଥିବାବେଳେ ଗ୍ରେଡ୍-ଏ ଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୩୨୦ଟଙ୍କା ରଖାଯାଇଛି। ଆବଶ୍ୟକ ହେଲେ ଅନ୍ୟ ଜିଲାରୁ ଅତିରିକ୍ତ ମିଲରଙ୍କୁ କନ୍ଧମାଳରୁ ଧାନ କ୍ରୟ ପାଇଁ ସୁଯୋଗ ଦିଆଯିବ ବୋଲି କୁହାଯାଇଥିଲା । ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ଦିଲ୍ଲିପ୍ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀଙ୍କ ସମେତ ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ସୂର୍ଯ୍ୟ କୁମାର ପାଣିଗ୍ରାହୀ, କୃଷକ ପ୍ରତିନିଧି, ମିଲର୍, ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକର ସମ୍ପାଦକ, ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଆଇପିଏଲ୍ ମେଗା ଅକ୍ସନକୁ ଅପେକ୍ଷା



ନିର୍ମଳ କୁମାର ମିଶ୍ର

**ଆଇପିଏଲ୍‌ର ମେଗା ଅକ୍ସନ ୨୪ ଓ ୨୫ ତାରିଖରେ ସାଉଦି ଆରବର ଜେଦାହଠାରେ ଅନୁଷ୍ଠିତ ହେବ। ୧୦ଟି ଫ୍ରାଞ୍ଚାଇଜ୍ ମଧ୍ୟରୁ ୪ଟି ଫ୍ରାଞ୍ଚାଇଜ୍ କେକେଆର, ଦିଲ୍ଲୀ, ଆରସିବି ଓ ଲକ୍ଷ୍ନୌ ଅଧିନାୟକ ପରିବର୍ତ୍ତନ କରିଛନ୍ତି...**





ମହେନ୍ଦ୍ର ସିଂ ଧୋନୀ

ରିଷଭ ପନ୍ତ

ବିରାଟ କୋହଲି

ରୋହିତ ଶର୍ମା

ବିଶ୍ୱର ସବୁଠାରୁ ଧନୀ ଲିଗ୍ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ପାଇଁ ବିସିସିଆଇ ପ୍ରସ୍ତୁତି ଆରମ୍ଭ କରିଛି। ଏଥିମଧ୍ୟରେ ସମସ୍ତ ଫ୍ରାଞ୍ଚାଇଜ୍ ସେମାନଙ୍କର ଖେଳାଳି ରିଟେନ୍‌ସନ ଓ ରିଲିଜ୍ ପ୍ରକ୍ରିୟା ସମାପ୍ତ କରିଛନ୍ତି। ଚଳିତ ମାସ ଶେଷ ସପ୍ତାହର ୨୪ ଓ ୨୫ ତାରିଖରେ ଏହା ସାଉଦି ଆରବର ଜେଦାହଠାରେ ଅନୁଷ୍ଠିତ ହେବ। ଦ୍ୱିତୀୟଥର ପାଇଁ ଏହା ଦେଶ ବାହାରେ ଅନୁଷ୍ଠିତ ହେବାକୁଯାଉଛି। ୨୦୨୩ରେ ଏହା ମଧ୍ୟ ଦୁବାଇଠାରେ ଅନୁଷ୍ଠିତ ହୋଇଥିଲା। ବିସିସିଆଇ ଏହି ମେଗା ଅକ୍ସନ ପାଇଁ ଫ୍ରାଞ୍ଚାଇଜ୍‌ମାନଙ୍କ ପାଇଁ ରଖିଥିବା କେତେଗୁଡିଏ ସର୍ତ୍ତ ମଧ୍ୟରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଅତି ବେଶିରେ ୬ ଜଣ ଖେଳାଳିଙ୍କୁ ରିଟେନ୍ କରିପାରିବେ। ଏଥିମଧ୍ୟରୁ ୫ଜଣ କ୍ୟାପ୍‌ଡ ଓ ୨ଜଣ ଅନ୍‌କ୍ୟାପ୍‌ଡ ଖେଳାଳି ରହିପାରିବେ। ଫ୍ରାଞ୍ଚାଇଜ୍‌ମାନେ ଖେଳାଳିମାନଙ୍କୁ ସିଧାସଳଖ ରିଟେନ କରିପାରିବେ କିମ୍ବା ରାଇଟ୍ ଟୁ ମ୍ୟାଚ୍(ଆରଟିଏମ୍) କାର୍ଡସ୍ ନିୟମ ଅନୁସାରେ ରଖିପାରିବେ। ଅନ୍‌କ୍ୟାପ୍‌ଡ ରିଟେନ୍ ଖେଳାଳିଙ୍କ ପାଉଣା ୪ କୋଟି ହୋଇପାରିବ, ଯାହାଫଳରେ ଦୀର୍ଘ ୧ମାସ ଧରି ଅନେକ ନାମୀଦାମୀ ଓ ଗତ ସଂସ୍କରଣରେ ଖରାପ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଯେଉଁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଦୂର ହୋଇଛି। ୧୦ଟି ଫ୍ରାଞ୍ଚାଇଜ୍ ମଧ୍ୟରୁ ୪ଟି ଫ୍ରାଞ୍ଚାଇଜ୍ ସେମାନଙ୍କ ଅଧିନାୟକ ପରିବର୍ତ୍ତନ କରିଛନ୍ତି। ଏଥିମଧ୍ୟରେ ଗତ ସଂସ୍କରଣର ଚାମ୍ପିୟନ ଟିମ୍ କୋଲ୍‌କତା ନାଇଟ୍ ରାଇଡର୍ସର ଅଧିନାୟକ ଶ୍ରେୟସ ଆୟର, ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରିଷଭ ପନ୍ତ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ କେଏଲ ରାହୁଲ ରହିଛନ୍ତି। ଟ୍ରଫିଶୂନ୍ୟ ରହିଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଫାଫ୍ ଡୁ ପ୍ଲେସି ମଧ୍ୟ ରହିଛନ୍ତି। କେ.ଏଲ. ରାହୁଲ ଓ ରିଷଭ ପନ୍ତଙ୍କ ଫ୍ରାଞ୍ଚାଇଜ୍‌ମାନଙ୍କ ସହ କଥା କଟାକଟିର ଦୃଶ୍ୟ ଦେଖିବାକୁ ମିଳିଥିଲା। ମାତ୍ର ରୋହିତ୍ ଶର୍ମା, ରିଷଭ ପନ୍ତ, ଲୋକେଶ ରାହୁଲ, ବିରାଟ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଚର୍ଚ୍ଚା ବେଶ୍ ଜୋର୍ ଧରିଥିଲା। ମହେନ୍ଦ୍ର ସିଂ ଧୋନିଙ୍କ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ୫ ବର୍ଷରୁ ଅଧିକ ହୋଇଯାଇଥିବା ବେଳେ ସେ ଅନ୍‌କ୍ୟାପ୍‌ଡ ଖେଳାଳି ରହିବେ। ତାଙ୍କୁ ନେଇ ବିସିସିଆଇର ନିୟମକୁ ନେଇ ସୋସିଆଲ ମିଡିଆ ବେଶ୍ ସକ୍ରିୟ ହୋଇଥିଲା। ସ୍ପଷ୍ଟ ଯେ, କୋହଲି, ରୋହିତ, ଧୋନିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ରିଟେନ୍ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ସେମାନଙ୍କର ଫ୍ୟାନ୍ ଫଲୋଅର୍ସ ସର୍ବାଧିକ। ସେମାନେ ନ ରହିଲେ ଫ୍ରାଞ୍ଚାଇଜ୍‌ମାନଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିବ।

ଏଥିମଧ୍ୟରେ ଅନେକ ନାମୀଦାମୀ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ସେମାନଙ୍କ ଦଳରୁ ରିଲିଜ୍ କରିବା ମଧ୍ୟ ଦେଖାଯାଇଛି। ସେମାନଙ୍କ ଦେଶ ପାଇଁ ଖେଳିବା ଅଧାରୁ ଛାଡ଼ିବା ଯୋଗୁ ଦଳ ହେଉ, ଖରାପ ପ୍ରଦର୍ଶନ ପାଇଁ ହେଉ କିମ୍ବା ଆଘାତଜନିତ ସମସ୍ୟା ପାଇଁ ହେଉ। ଫାଫ୍ ଡୁ ପ୍ଲେସି, କାମେରୁନ ଗ୍ରୀନ୍, ଜନି ବେୟାରଷ୍ଟୋ, ଗ୍ଲେନ ମ୍ୟାକ୍ସୱେଲ, ଜୋସ୍ ବଟଲର, କାଗିସୋ ରାବାଡା, ଡେଭିଡ୍ ୱାର୍ନର, ଲିଆମ ଲିଭିଙ୍ଗ୍‌ଷ୍ଟୋନ, ଟିମ୍ ଡେଭିଡ୍, ଆନ୍‌ରିଚ୍ ନୋର୍ଜେ, ମହମ୍ମଦ ସିରାଜ, ମିଚେଲ ଷ୍ଟାର୍କ, ଫିଲ ସଲଟ୍, ଅର୍ଶଦୀପ ସିଂ, ମିଚେଲ ମାର୍ଶଙ୍କ ପରି ଷ୍ଟାର ଖେଳାଳିମାନଙ୍କୁ ରିଲିଜ୍ ହେବାକୁ ପଡ଼ିଛି। ଏହା ସତ୍ୟ ଯେ ଆଇପିଏଲ୍‌ର ସଫଳତା ଆଗରେ ବିଶ୍ୱର ସମସ୍ତ ପ୍ରଫେସନାଲ ଟି-୨୦ ଲିଗ୍ ଫିକା ପଡ଼ିବା ସହିତ ସଫଳତା ପାଇପାରିନାହାନ୍ତି, ଯାହା ବିସିସିଆଇକୁ ବେଶ୍ ଉତ୍ସାହିତ କରିବା ସହିତ ଧନଶାଳୀ କରିପାରିଛି। ଜାତୀୟ ଦଳ ପାଇଁ ବେଞ୍ଚ୍ ଷ୍ଟ୍ରେଙ୍ଗ୍‌ଥ ବୃଦ୍ଧି ପାଇଛି। ଅନେକ ପ୍ରତିଭାବାନ୍ ଯୁବ ଖେଳାଳି ସୃଷ୍ଟି ହୋଇଛନ୍ତି। ଜାତୀୟ ଦଳରେ ସେମାନଙ୍କ ସ୍ଥାନ ପକ୍କା କରିବାକୁ ସକ୍ଷମ ହୋଇପାରିଛନ୍ତି। ବର୍ତ୍ତମାନ ୩ଟି ଫର୍ମାଟ୍ ପାଇଁ ଆମପାଖରେ ପର୍ଯ୍ୟାପ୍ତ ଖେଳାଳି ରହିଛନ୍ତି। ଆଘାତ ସମସ୍ୟା କମିଛି। ଭାରତୀୟ କ୍ରିକେଟ୍‌କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସୃଷ୍ଟି କରାଯାଇଥିବା ଆଇପିଏଲ୍ ବର୍ତ୍ତମାନ ପଇସାର ଖେଳ ପାଲଟିଛି। ଗତ ସଂସ୍କରଣରେ ଅଷ୍ଟ୍ରେଲିଆ ଖେଳାଳିମାନେ ଅକ୍ସନରେ ଡୋମିନେଟ୍ କରିଥିଲେ। କେତେକ ଫ୍ରାଞ୍ଚାଇଜ ଭାରତୀୟ ଯୁବ ଖେଳାଳିଙ୍କୁ ଅଧିକ ପ୍ରୋତ୍ସାହିତ କରିବା ସହିତ ଦଳରେ ସାମିଲ କରିଥିଲେ। ରିଟେନ୍‌ସନ ପ୍ରକ୍ରିୟା ଦେଖିଲେ ରାଜସ୍ଥାନ ରୟାଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜ ବାଙ୍ଗାଲୋର ସର୍ବାଧିକ ଭାରତୀୟ ଖେଳାଳିଙ୍କୁ ରିଟେନ୍ କରିଛନ୍ତି। ଚଳିତ ଆଇପିଏଲ ଅକ୍ସନ ପାଇଁ ପଞ୍ଜାବ କିଙ୍ଗ୍‌ସ ପାଖରେ ସର୍ବାଧିକ ପର୍ସ ୧୧୦.୫ କୋଟି ରହିଛି। ଦଳ ମାତ୍ର ୨ ଜଣ ଖେଳାଳି ଶଶାଙ୍କ ସିଂ, ପ୍ରଭାସିମରନ ସିଂଙ୍କୁ ରିଟେନ କରିଛି। ରୋହିତ, ବୁମ୍‌ରା, ହାର୍ଦ୍ଦିକ, ସୂର୍ଯ୍ୟକୁମାର ଓ ତିଲକ ବର୍ମାଙ୍କ ପାଇଁ ପ୍ରାୟ ୭୫ କୋଟି ଖର୍ଚ୍ଚ କରିଛି ମୁମ୍ବାଇ। ଚଳିତ ସଂସ୍କରଣରେ ମୋଟ ୧୫୭୪ ଖେଳାଳି ପଞ୍ଜୀକରଣ କରିଥିବା ବେଳେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ୨୫ ଜଣ ଖେଳାଳିଙ୍କୁ ନେଇ ପାରିବେ। ୧୦ ଫ୍ରାଞ୍ଚାଇଜ୍ ଏଥର ମୋଟ ୪୬ ଖେଳାଳିଙ୍କୁ ରିଟେନ୍ କରିଛନ୍ତି। ରିଟେନ୍‌ଡ ଖେଳାଳିଙ୍କ ପାଇଁ ମୋଟ ୫୫୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଫ୍ରାଞ୍ଚାଇଜ୍। କେକେଆର ଓ ରାଜସ୍ଥାନ ସର୍ବାଧିକ ୬ ଖେଳାଳିଙ୍କୁ ରିଟେନ କରିଥିବା ବେଳେ ପଞ୍ଜାବ କିଙ୍ଗ୍‌ସ ମାତ୍ର ୨ଜଣଙ୍କୁ ରିଟେନ କରିଛି। ଏହି ମେଗା ଅକ୍ସନ ପାଇଁ ୪୮ ଜଣ ଭାରତୀୟ କ୍ୟାପ୍‌ଡ ଖେଳାଳି ରହିଛନ୍ତି। ୧୫୨ ଜଣ ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳି ଏହି ଅକ୍ସନର ଅଂଶ ରହିବେ। ଅଷ୍ଟ୍ରେଲିଆର ସର୍ବାଧିକ ୭୬ ଖେଳାଳି ରହିଥିବା ବେଳେ ଇଂଲଣ୍ଡର ୫୨ ଜଣ ଖେଳାଳି ଏଥର ଅକ୍ସନରେ ଭାଗନେବେ। ଇଟାଲି ଓ ୟୁଏଇରୁ ଜଣେ ଲେଖାଏ ରହିଥିବା ବେଳେ ସ୍କଟ୍‌ଲାଣ୍ଡରୁ ୨ଜଣ ଖେଳାଳି ରହିଛନ୍ତି। ଶ୍ରୀଲଙ୍କାରୁ ୨୯, ନ୍ୟୁଜିଲାଣ୍ଡରୁ ୩୯ ଓ ୱେଷ୍ଟଇଣ୍ଡିଜରୁ ୩୩ ଜଣଙ୍କ ସମେତ ଟି-୨୦ ବିଶ୍ୱକପ୍‌ର ଆୟୋଜକ ଦେଶ ଆମେରିକାର ୧୦ ଖେଳାଳି ଏହି ମେଗା ଅକ୍ସନର ଅଂଶ ପାଲଟିବେ ସମସ୍ତ କ୍ରିକେଟ୍ ଜଗତର ଲକ୍ଷ୍ୟ ଏହି ମେଗା ଅକ୍ସନ ଉପରେ ରହିଛି। ଗତ ସଂସ୍କରଣରେ ମିଚେଲ ଷ୍ଟାର୍କ ସବୁଠାରୁ ଦାମୀ ଖେଳାଳି ରହିଥିବା ବେଳେ ଚଳିତ ସଂସ୍କରଣର ସବୁଠାରୁ ଦାମୀ ରିଟେନ ଖେଳାଳି ରୂପେ ହେନ୍‌ରିଚ କ୍ଲାସେନଙ୍କୁ ୨୩ କୋଟି ଟଙ୍କାରେ ରିଟେନ୍ କରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ଆଇପିଏଲ ରିଟେନ୍ ପ୍ଲେୟର ହିସାବରେ ଏକ ରେକର୍ଡ। ଗତ ସଂସ୍କରଣର କୋଲ୍‌କତା ନାଇଟ ରାଇଡର୍ସ ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ୨୦ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହି ପ୍ଲେ ଅଫ୍‌କୁ ଯାଇଥିବା ବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ଚାମ୍ପିୟନ ହୋଇଥିଲା। ତାରକା ଖେଳାଳିରେ ଭର୍ତ୍ତି ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ୪ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ତଳେ ରହିଥିଲା। ରାଜସ୍ଥାନ ରୟାଲ୍ସ ବେଶ୍ ଶକ୍ତିଶାଳୀ ଥିବାବେଳେ ତୃତୀୟ ସ୍ଥାନରେ ରହିଥିଲା। ଏଥର ମେଗା ଅକ୍ସନରେ ସମସ୍ତ ଟିମ୍‌ର ସମୀକରଣ ବଦଳିବାର ସମ୍ଭାବନା ରହିଛି। ପୁଣି ଖେଳାଳି ନିଲାମ ପ୍ରକ୍ରିୟାକୁ ନେଇ ଫ୍ରାଞ୍ଚାଇଜ୍‌ମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହେବାର ସମ୍ଭାବନା ରହିଛି। ସମସ୍ତଙ୍କ ନଜର ଏହି ମେଗା ଅକ୍ସନ ଉପରେ ହିଁ ରହିଛି। ଅନ୍ୟପକ୍ଷରେ ଘରୋଇ ଟେଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡର ହ୍ୱାଇଟ ୱାଶ୍ ପରେ ଭାରତର ଡବ୍ଲୁଟିସି ଫାଇନାଲ ଖେଳିବାର ସମ୍ଭାବନା କ୍ଷୀଣ ରହିଛି। ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ଚାଲିଥିବାବେଳେ ଏହି ମେଗା ଅକ୍ସନ ଚାଲିଥିବ। ରିଲିଜ୍ ଭାରତୀୟ ଖେଳାଳିଙ୍କୁ କେଉଁ ଦଳ କେତେ ଟଙ୍କାରେ କିଣିବେ, ତାହା ମଧ୍ୟ ବେଶ୍ ଉପଭୋଗ୍ୟ ହେବ।

---

# କୃଷକଙ୍କ ଝିଅ ଜାତୀୟ ଫୁଟ୍‌ବଲର

**୧୩ ବର୍ଷ ବୟସରେ ଖେଳ ଆରମ୍ଭକରି ସେ ବିଭିନ୍ନ ବୟସ ବର୍ଗରେ ଭାରତ ପାଇଁ ଖେଳିଛନ୍ତି ମଣିପୁରରେ ଜନ୍ମିତ ଲିଣ୍ଡା କମ୍। ଭୁବନେଶ୍ୱରରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଖେଳିଥିବା ଲିଣ୍ଡାଙ୍କ ସହ ଆଲୋଚନା।**

ସାକ୍ଷାତ: ସରୋଜ ଜେନା



ଲିଣ୍ଡା କମ୍

ବର୍ତ୍ତମାନ ଓଡ଼ିଶା ଏଫ୍‌ସି ମହିଳା ଦଳ ପାଇଁ ଖେଳୁଛନ୍ତି ମଣିପୁରରେ ଜନ୍ମିତ ଲିଣ୍ଡା କମ୍। । ପୂର୍ବରୁ ଭାରତୀୟ ଦଳ ପାଇଁ ବିଭିନ୍ନ ବୟସ ବର୍ଗରେ ଖେଳି ସାରିଥିବା ବେଳେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଖେଳିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିବା ପରି ୧୩ ବର୍ଷ ବୟସରେ ଖେଳ ଆରମ୍ଭକରି ସେ ବିଭିନ୍ନ ବୟସ ବର୍ଗରେ ଭାରତ ପାଇଁ ଖେଳିଛନ୍ତି।

**ପ୍ରଶ୍ନ:** କେଉଁଠୁ ଆସନ୍ତି ଓ ପରିବାରରେ କିଏ କିଏ ଅଛନ୍ତି ?

**ଉତ୍ତର:** ମୋ ନାଁ ଲିଣ୍ଡା କମ୍। ମଣିପୁରରେ ମୋର ଜନ୍ମ। ବାପା ଅତୁଙ୍ଗ ଜଣେ କୃଷକ ଓ ମା' ଜନନୀ ଏକ ଷ୍ଟେଶନେରି ଦୋକାନ ଚଳାଇଥାନ୍ତି।

**ପ୍ରଶ୍ନ:** ଫୁଟ୍‌ବଲ ପ୍ରତି ଭଲପାଇବା କେଉଁଠୁ ଆସିଲା ?

**ଉତ୍ତର:** ପିଲାବେଳୁ ଫୁଟ୍‌ବଲ ପ୍ରତି ସେମିତି ଖାସ୍ ଦୁର୍ବଳତା ନ ଥିଲା। ମୋ ସାଙ୍ଗମାନେ ଫୁଟ୍‌ବଲ ଖେଳୁଥିବା ବେଳେ ୨୦୧୬ରେ ମୁଁ ପ୍ରଥମଥର ପୁଅ ପିଲାଙ୍କ ସହ ଫୁଟ୍‌ବଲ ଖେଳିଥିଲି। ପରବର୍ତ୍ତୀ ସମୟରେ ୨୦୧୭ରେ ମୋତେ ୧୫ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ମିଳିଥିଲା।

**ପ୍ରଶ୍ନ:** କେଉଁ ଫୁଟ୍‌ବଲରଙ୍କୁ ନିଜର ଆଦର୍ଶ ମାନନ୍ତି ?

**ଉତ୍ତର:** ଫୁଟ୍‌ବଲ କ୍ୟାରିୟର ଆରମ୍ଭରୁ ମୁଁ କାହାରିକୁ ଆଦର୍ଶ ଭାବେ ଗ୍ରହଣ କରି ନ ଥିଲି। ତେବେ ସମୟକ୍ରମେ ଲିଓନେଲ ମେସି ମୋର ପସନ୍ଦର ଖେଳାଳି ରହିଛନ୍ତି।

ପ୍ରଶ୍ନ: ମଣିପୁରରେ ଫୁଟ୍‌ବଲ କଲ୍‌ଚର କିଭଳି ରହିଛି ?

**ଉତ୍ତର:** ମଣିପୁରରେ ଛୋଟ ଛୋଟ ଗାଁର କ୍ଲବଗୁଡ଼ିକରେ ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥାଏ। ଏଠାରେ ସ୍ୱାଭାବିକ ଭାବେ ଖେଳାଳିମାନେ ବେଶ୍ ପ୍ରତିଭାଶାଳୀ ରହିଥାନ୍ତି। ଏହାର ପ୍ରଭାବ ଭାରତୀୟ ଫୁଟ୍‌ବଲରେ ମଧ୍ୟ ଦେଖିବାକୁ ମିଳିଥାଏ।



**ପ୍ରଶ୍ନ:** କାହା ସହ ଖେଳିବାରେ ମଜା ଆସିଥାଏ ?

ଉତ୍ତର: ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ର ପ୍ରସ୍ତୁତି ଗୋଆରେ ହେଉଥିଲା। ଏହି ସମୟରେ ରାଇଟ୍ ୱିଙ୍ଗ୍‌ରେ ଅମିତା ଓ ଲେଫ୍ଟ ୱିଙ୍ଗ୍‌ରେ ସୁମତିଙ୍କ ସହ ଖେଳିବାକୁ ମୁଁ ବେଶ୍ ଉପଭୋଗ କରିଥିଲି। ସମାନ ଭାବେ ଓଡ଼ିଶା ଏଫ୍‌ସିରେ ପ୍ୟାରୀ ଖାଖା ଓ ୱିନ୍‌ଙ୍କ ଖେଳ ମୋତେ ପ୍ରଭାବିତ କରିଛି।

**ପ୍ରଶ୍ନ:** କେଉଁ ଡିଫେଣ୍ଡରଙ୍କୁ ପରାସ୍ତ କରିବା କଷ୍ଟସାଧ ?

**ଉତ୍ତର:** ଭାରତରେ କୌଣସି ଡିଫେଣ୍ଡରଙ୍କ ବିପକ୍ଷରେ ଏତେଟା କଷ୍ଟସାଧ ଲାଗି ନ ଥାଏ। ତେବେ ପ୍ରଥମଥର ଏଏଫ୍‌ସି କପ୍ ଖେଳିବା ସମୟରେ ଜାପାନ ବିପକ୍ଷରେ ଆମକୁ ବେଶ୍ ଅସୁବିଧା ହୋଇଥିଲା।

**ପ୍ରଶ୍ନ:** ଓଏଫ୍‌ସି ପ୍ରଥମଥର ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ହାସଲର ଅନୁଭବ କେମିତି ଥିଲା ?

**ଉତ୍ତର:** ପ୍ରଥମ ଭାରତୀୟ କ୍ଲବ ଭାବରେ ଆମେ ଯୋଗ୍ୟତା ଅର୍ଜନକରି ଇତିହାସ ରଚିଥିବା ବେଳେ ମୁଖ୍ୟ ଗ୍ରୁପ୍‌ରେ ମଧ୍ୟ ସାମିଲ ହୋଇଥିଲୁ। ଏହା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଥିଲା।

ପ୍ରଶ୍ନ: ଏଏଫ୍‌ସି କପ୍‌ରେ ପ୍ରଦର୍ଶନ କାହିଁକି ଖରାପ ରହିଥିଲା ?

**ଉତ୍ତର:** ଏଏଫ୍‌ସି କପ୍ ପାଇଁ ଆମେ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଥିଲୁ। ଅନ୍ୟପକ୍ଷରେ ବିଦେଶୀ ଦଳଗୁଡ଼ିକରେ ଅଭିଜ୍ଞ ଖେଳାଳି ରହିଥିବା ବେଳେ ଆମର ଏକ ସମ୍ପୂର୍ଣ୍ଣ ଯୁବଦଳ ରହିଥିଲା। ପ୍ରଦର୍ଶନ ଖରାପ ରହିଥିଲେ ହେଁ ଖେଳାଳିମାନେ ଅଭିଜ୍ଞତାର ସହ ପ୍ରତ୍ୟାବର୍ତ୍ତନ କରିଥିଲେ।

**ପ୍ରଶ୍ନ:** ଓଏଫ୍‌ସିରେ ମାହୋଲ କିଭଳି ରହିଛି ?

**ଉତ୍ତର:** ଏଠାରେ ଯୁବ ଖେଳାଳିମାନଙ୍କୁ ସିନିୟର ଖେଳାଳି ଓ ମ୍ୟାନେଜମେଣ୍ଟ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିଥାଏ। ଏକ ପରିବାର ଭଳି ଚଳୁଥିବାରୁ ଏହା ବେଶ୍ ଖୁସି ପ୍ରଦାନ କରିଥାଏ।

**ପ୍ରଶ୍ନ:** ବିଦେଶର ଫୁଟ୍‌ବଲ ଓ ଭାରତୀୟ ଫୁଟ୍‌ବଲ ମଧ୍ୟରେ କ'ଣ ଫରକ ରହିଛି ?

**ଉତ୍ତର:** ବିଦେଶରେ ଫୁଟ୍‌ବଲକୁ ଗମ୍ଭୀରତାର ସହ ନେଇଥାନ୍ତି। ସେଠାରେ ଫୁଟ୍‌ବଲର କଲ୍‌ଚର ରହିଥିବା ବେଳେ ଭବିଷ୍ୟତ ପାଇଁ ଚିନ୍ତା କରିଥାନ୍ତି। ଭାରତରେ ୨୦୧୪ ପରଠାରୁ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖିବାକୁ ମିଳିଛି। ଆଗାମୀ ଦିନରେ ଅନେକ ନୂତନ ଖେଳାଳି ସୃଷ୍ଟି ହେବାର ଆଶା ରହିଛି।

**ପ୍ରଶ୍ନ:** ମହିଳା ଖେଳାଳି ଭାବରେ କ'ଣ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ ?

**ଉତ୍ତର:** ପୁରୁଷ ଖେଳାଳିଙ୍କ ଭଳି ଆମେ ସମାନ ପରିଶ୍ରମ କରୁଥିଲେ ମଧ୍ୟ ସ୍ୱୀକୃତି କମ୍ ମିଳିଥାଏ। ପୁରୁଷ ଖେଳାଳିଙ୍କ ତୁଳନାରେ ମହିଳା ଖେଳାଳିଙ୍କୁ କମ୍ ପାରିଶ୍ରମିକ ମିଳିବା ଏହାର ଆଉ ଏକ ବଡ଼ ଉଦାହରଣ।

**ପ୍ରଶ୍ନ:** କୋଚ୍ ଭାବେ କ୍ରିସ୍ପିନ୍ ଛେତ୍ରୀ କିଭଳି ଦଳ ପରିଚାଳନା କରନ୍ତି ?

**ଉତ୍ତର:** କୋଚ୍ ଭାବରେ କ୍ରିସ୍ପିନ୍ ଛେତ୍ରୀ ସମସ୍ତଙ୍କୁ ଉତ୍ସାହିତ କରିଥାନ୍ତି। ସ୍କୋର କରିବା ନ କରିବା ନେଇ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାନ୍ତି। ତେବେ ପଡ଼ିଆରେ ନିଜ ଦାୟିତ୍ୱ ଠିକ୍ ଢଙ୍ଗରେ ନିଭାଇବା ଉପରେ ସେ ଗୁରୁତ୍ୱ ଦେଇଥାନ୍ତି। ଏଏଫ୍‌ସି କପ୍‌ରେ ଖରାପ ପ୍ରଦର୍ଶନ ପରେ ସମସ୍ତ ଖେଳାଳି ନିରାଶ ହୋଇଥିବା ବେଳେ କୋଚ୍ ହିଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

---

## ରିଅଲ ଫ୍ରେଣ୍ଡ

ତେର ହଜାର କି.ମି.
ସାଇକେଲ ଚଳାଇ
ଶେଷେ ରୋନାଲ୍ଡୋଙ୍କୁ ଭେଟି
ଚାଇନାର ଯୁବ ଫ୍ୟାନ୍
ଗୋଙ୍ଗ ମନ
ଆନନ୍ଦରେ ଯାଏ ଫାଟି
ସାତ ମାସ ଗଲା କଟି
ଆମ ଯୁବଶକ୍ତି ଉଇକ୍
ଆଣ୍ଡ ଡ୍ୟାମେଜ
ବାଇକ୍ ଚଢି, ଲେଟ୍ ଉଠି।

ଇଂଲଣ୍ଡର କିମ୍ବଦନ୍ତୀ କ୍ରିକେଟର
ମୋୟଲ ନଦୀରେ ମାଛ
ଧରିବାକୁ ଯାଇ ଖସିଗଲା ଗୋଡ
ବୋଟ ହେଲା ଆଗପଛ
କଥା ସତ ଲାଗେ ମିଛ
ଅଥଳ ଜଳରେ
ବୋଥାମ ଆଗରେ
କୁମ୍ଭୀର ହଲାଏ ପୁଛ।

ଆଖି ସାମନାରେ
ଏ ଘଟଣା ଦେଖି
ଅଷ୍ଟ୍ରେଲୀୟ କ୍ରିକେଟର
ମର୍ଭି ହ୍ୟୁଗ୍ସ ସହଯୋଗୀଙ୍କ
ସହିତ
ଉଦ୍ଧାରିଲେ ନାହିଁ ଡର
ସେ ରିଅଲ ଫ୍ରେଣ୍ଡ ସୁର
ଶତ୍ରୁ ହୋଇ ବିପଦରେ
ସାହା ହୁଅ
ହଉ ସାଧୁ କିମ୍ବା ଚୋର।

-ସୁବାଷ ଚନ୍ଦ୍ର ପ୍ରଧାନ

